# ଭୁବନେଶ୍ୱର ସିଟି



# ଶୀତ ଅଧା ହେଲାଣି; କମୁନି ପରିବା ଦର

ଭୁବନେଶ୍ୱର, ୧୯।୧୨(ସମିସ): ଲୋକେ ବର୍ଷସାରା ଅପେକ୍ଷା କରିଥାନ୍ତି ଶୀତ ଦିନେ ସବୁଜ ପନିପରିବା ଦର ହ୍ରାସ ପାଇବ। କିନ୍ତୁ ଶୀତ ଯିବାକୁ ବସିଲାଣି ହେଲେ ପରିବା ଦର କମିବାର ନାଁ ଗନ୍ଧ ଧରୁନାହିଁ। ଫୁଲ କୋବି, ବନ୍ଧା କୋବି, ମୂଳାକୁ ଛାଡ଼ିଦେଲେ ଅଧିକାଂଶ ପରିବା ଦର ୮୦ ଟଙ୍କା ଉପରେ ରହିଛି। ତେବେ ନିୟମିତ

- ୮୦ ତଳକୁ ଖସୁନି ଭେଣ୍ଡି, କଲରା, ପୋଟଳ ଦର
- ପର୍ଯ୍ୟଟନ ଋତୁରେ ନିରାମିଷାସୀ ନିରାଶ



ରୋଷେଇରେ ବ୍ୟବହାର ହେଉଥିବା ଟମାଟୋ କିଲୋ ୧ ନମ୍ବର ହାଟରେ ୫୦ରୁ ୬୦ ଟଙ୍କା ରହିଥିବା ବେଳେ ଖୁଚୁରା ବଜାରରେ ଏହା ୮୦ ଟଙ୍କାରୁ ତଳକୁ ଖସୁନି। ସେହିପରି କଲରା କିଲୋ ୮୦ରୁ ୧୦୦ଟଙ୍କା ରହିଥିବା ବେଳେ ପୋଟଳ କିଲୋ ବି ୮୦ଟଙ୍କାରେ ବିକ୍ରି ହେଉଛି। ସେହିପରି ବିଗଣ, ବିନ୍‌ସ ଦର ବି ଆକାଶ ଛୁଆଁ। ଶ୍ରାବଣ ପରେ କାର୍ତ୍ତିକ ଓ ବର୍ତ୍ତମାନ ମାର୍ଗଶିର ଶେଷ ବେଳେ ବି ଉପରମୁହାଁ ହେଉଛି ଦର। ଫଳରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ରୋଷେଇ ଘରେ ଚଡ଼କ ପଡ଼ିବା ସହ ଭୋଜିରୁ ଉଭାନ୍ ହେଲାଣି ପରିବା।

ବର୍ତ୍ତମାନ ନିରାମିଷ ଖାଉଥିବା ଲୋକଙ୍କ ପାଇଁ ବାଧକ ସାଜିଛି ପରିବା ଦର। କେବଳ ଫୁଲ କୋବି, ବନ୍ଧା କୋବି, ମୂଳା ଆଦିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପରିବା ଦର ଆକାଶ ଛୁଆଁ ହୋଇଛି। ଫଳରେ ଭୋଜି ମେନ୍ୟୁରୁ ବାଦ୍ ପଡୁଛି ମିକ୍ସ ଭେଜ୍, ପୋଟଳ ରସା, ଭେଜ୍ ଫ୍ରାଏ ଭଳି ଆଇଟମ୍। ତେବେ ଏହି ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରଚୁର ପରିମାଣରେ ଭେଣ୍ଡି, ପୋଟଳ, ଟମାଟୋ, ବିନସ୍, ବାଇଗଣ ଆଦି ଅମଳ ହୋଇଥାଏ। ଫଳରେ ଦର କିଲୋ ପିଛା ୩ରୁ ୪୦ ଟଙ୍କା ମଧ୍ୟରେ ସୀମିତ ରହିଥାଏ। କିନ୍ତୁ ଚଳିତ ବର୍ଷ ଏଥିରେ ବ୍ୟତ୍ରିକମ ଦେଖାଦେଇଛି। ଏପର୍ଯ୍ୟନ୍ତ ଓଡ଼ିଶାରୁ ଏହି ସମସ୍ତ ପରିବା ଅମଳ ହୋଇନଥିବାରୁ ବାହାର ରାଜ୍ୟକୁ ଭରସା କରିବାକୁ ପଡୁଛି। ଫଳରେ ଚଢ଼ା ଦରରେ ବିକ୍ରି କରିବାକୁ ବାଧ ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ଏନେଇ କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି ଯେ, ରାଜ୍ୟର ଆଠଗଡ଼, କଟକ, ବଡ଼ମ୍ବା ନରସିଂହପୁର, ବରଗଡ଼, କୋରାପୁଟ, ବଲାଙ୍ଗିର, ପିପିଲି, ବଳଙ୍ଗା, ବାଲିପାଟଣା, ତେଇସପୁର ଆଦିରୁ ପରିବା ଆମଦାନୀ ପରେ ପରିବା ଦର ଖସିଥାଏ। ପରିବା ପାଇଁ ବର୍ଷରେ ୮ ମାସ ବାହାର ରାଜ୍ୟ ଉପରେ ନିର୍ଭର କରନ୍ତି ବ୍ୟବସାୟୀ। ମହାରାଷ୍ଟ୍ର, କର୍ଣ୍ଣାଟକ, ରାଞ୍ଚି, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ କଖାରୁ, ଟମାଟୋ, କ୍ୟାପ୍‌ସିକମ୍, କୋବି, ବିନସ୍, ଗାଜର, ବିଟ୍ ଆଦି ଆମଦାନୀ କରାଯାଇଥାଏ। ନଭେମ୍ବରରୁ ଫେବୃଆରୀ ମାସ ଯାଏ ଓଡ଼ିଶାରୁ କୋବି, ବିନସ୍, ଟମାଟୋ, ସିମ୍ବ, ପୋଟଳ, କଖାରୁ, କଲରା ଆଦି ଅମଳ ହୋଇଥାଏ। ଫଳରେ ଦର ମଧ୍ୟ ସ୍ୱାଭାବିକ ଥାଏ। କିନ୍ତୁ ଏବେ କେବେଳ କୋବି, ମୂଳାକୁ ବାଦ ଦେଲେ ଅନ୍ୟ ପରିବା ବାହାରି ନାହିଁ। ତେଣୁ ପାଇଁ ବାହାର ରାଜ୍ୟର ପରିବାକୁ ନିର୍ଭର କରାଯାଉଛି, ତେଣୁ ଦର ବୃଦ୍ଧି ପାଉଛି। ତେବେ ଡିସେମ୍ବର ଶେଷ ଯାଏ ଦର ବର୍ଦ୍ଧିତ ରହିବାର ଆଶା ରହିଥିବା ଶ୍ରୀ ସ୍ୱାଇଁ କହିଛନ୍ତି।

## ଜାତୀୟ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଫାଇନାଲରେ ସିଭି ରମଣ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୧୯।୧୨(ସମିସ): ଜାତୀୟ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୮ ଓ ୯ ଡିସେମ୍ବରରେ ଭାରତର ୬୦ ଟା ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରୁ ମୋଟ ୮ ଲକ୍ଷ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍‌ଙ୍କ ଦ୍ୱାରା ଅଲ୍ ଇଣ୍ଡିଆ କାଉନସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍ ସହଯୋଗରେ ଆୟୋଜିତ ହୋଇଥିଲା।

ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ୍ ୟୁନିଭରସିଟିର କମ୍ପ୍ୟୁଟର ସାଇନ୍ସ ବିଭାଗର ଦ୍ୱିତୀୟ ବର୍ଷର ଛଅ ଜଣ ଛାତ୍ରଛାତ୍ରୀ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଫାଇନାଲ୍ସରେ ଭାଗ ନେଇଥିଲେ। ସେମାନେ ହେଲେ - ଅନୁଭବ ମିଶ୍ର, ଶତରୂପା ପଣ୍ଡା, ସନ୍ଦୀପ ପୃଷ୍ଟି, ସ୍ୱୟଂ ପି. ମହାନ୍ତି, ଶ୍ରେୟା ମହାନ୍ତି ଏବଂ ସାଇ ଶ୍ରୁଷ୍ଟିଙ୍କ ଟିମ। ଏହି ଟିମଟି ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ସମସ୍ୟା ବିବୃତ୍ତି ଉପରେ କାର୍ଯ୍ୟ କରିଥିଲେ। ଯାହା ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା ଅଧୀନରେ ଶାସନ ଏବଂ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଆଧାରିତ ଥିଲା। ସର୍ବଭାରତରେ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ଓ ପୁରସ୍କାର ଅର୍ଜନ କରିଛନ୍ତି। ବିଶ୍ୱ ବିଦ୍ୟାଳୟର ପ୍ରେସିଡେଣ୍ଟ ସଞ୍ଜୀବ କୁମାର ରାଉତ, ଭାଇସ ଟ୍ରାନ୍‌ସେଲର ପ୍ରଫେସର ଡ. ବଂଶୀଧର ମାଝୀ, ପ୍ରୋ-ଭାଇସ ଚାନ୍ସାନ୍‌ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ ଏହି ଛାତ୍ରଛାତ୍ରୀ ଓ ସେମାନଙ୍କ ମେଣ୍ଟର ଡ. ପ୍ରଶାନ୍ତ କୁମାର ଦାଶଙ୍କୁ ସେମାନଙ୍କର କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

### କଳିଙ୍ଗ କଳାକ୍ଷେତ୍ର ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

## ସୁଜାତା ମହାପାତ୍ରଙ୍କୁ ପଣ୍ଡିତ ହରମୋହନ ଖୁଣ୍ଟିଆ ପୁରସ୍କାର

ଭୁବନେଶ୍ୱର, ୧୯।୧୨(ସମିସ): ସ୍ୱର ସୁଧା ଆନୁକୂଲ୍ୟରେ କଳିଙ୍ଗ କଳା କ୍ଷେତ୍ର ତରଫରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ହୋଇଛି। ପ୍ରତିଷ୍ଠାତା ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ଉପସ୍ଥିତିରେ ସାହିତିକ ଦାଶ ବେନହୁର, ଡ. ବୈଷ୍ଣବ ଚରଣ ମହାନ୍ତି, ବିଦ୍ୟୋତପ୍ରଜ୍ଞା ତ୍ରିପାଠୀ, ସଂସ୍କୃତ ବିଜ୍ଞାନ ପ୍ରଫେସର ଗୋପବନ୍ଧୁ ମିଶ୍ର, ପ୍ରଫେସର ବସନ୍ତ ସାହୁ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ସମାରୋହର ଆବାହକ ପ୍ରଫେସର ବସନ୍ତ ସାହୁ ଅତିଥି ସ୍ୱାଗତ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କ ରଚିତ ପୁସ୍ତକ ଓଡିଶୀ 'ସଂଗୀତ ସାରଣୀ' ଅତିଥିମାନଙ୍କ ଦ୍ୱାରା ପାଠକାର୍ପଣ ହୋଇଥିଲା। ଏହି ଅବସରରେ ଓଡ଼ିଶୀ ନୃତ୍ୟ ପାଇଁ ଡ. ସୁଜାତ ମହାପାତ୍ରଙ୍କୁ ସମ୍ମାନ ଜନକ ପଣ୍ଡିତ ହରମୋହନ ଖୁଣ୍ଟିଆ ପୁରସ୍କାର ପ୍ରଦାନ କରାଯାଇଥିଲା। ଶାସ୍ତ୍ରୀୟ ସନ୍ଧ୍ୟାର ଶୁଭାରମ୍ଭ ହୋଇଥିଲା ବଂଶୀ ବାଦନରୁ। ତବଲା ବାଦନ ବିଦ୍ୱାନ ପଣ୍ଡିତ ଆଶିଷ ସେନ୍ ଗୁପ୍ତା, ଇଂ. ଶୁଭକାନ୍ତ ସାହୁଙ୍କୁ ଯନ୍ତ୍ରାଂଶେ ସହଯୋଗ ଦୋଇଥିଲେ ପରେ ପରେ ହିନ୍ଦୁସ୍ଥାନୀ ସଙ୍ଗୀତଜ୍ଞ ପଣ୍ଡିତ ଗୌତମ କାଲେ ଶାସ୍ତ୍ରୀୟ ସଂଗୀତର ବିବିଧ ରାଗ ରାଗୀଣୀ ଗାୟନ ପରିବେଷଣ କରିଥିଲେ। ଶେଷରେ କଳିଙ୍ଗ କଳାକ୍ଷେତ୍ରର ଆବାହକ ପ୍ରଫେସର ବସନ୍ତ ସାହୁ ଧନ୍ୟବାଦ ଦେଇଥିଲେ।




## ନାଲ୍‌କୋର ପୂର୍ବତନ ଏଜିଏମ ସନ୍ତୋଷ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୧୯।୧୨(ସମିସ): ନାଲକୋର ପୂର୍ବତନ ଏଜିଏମ (ପିଆର) ସନ୍ତୋଷ କୁମାର ମହାନ୍ତିଙ୍କ ଗୁରୁବାର ତାଙ୍କ ଭୁବନେଶ୍ୱର ବାସଭବନରେ ଦେହାନ୍ତ ହୋଇଯାଇଛି। ସେ ଭୁବନେଶ୍ୱରର କିମ୍ସ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଥିଲେ। ଯକୃତ ଏବଂ କିଡନୀ ସମ୍ବନ୍ଧୀୟ ରୋଗରେ ସେ ପୀଡ଼ିତ ଥିଲେ। ତାଙ୍କୁ ମୃତ୍ୟୁ ବେଳକୁ ୭୦ ବୟସ ହୋଇଥିଲା। ସେ ଜଣେ ସହୃଦୟ ବ୍ୟକ୍ତି ଥିଲେ ଏବଂ ନାଲକୋର ଜନସମ୍ପର୍କ ବିଭାଗର ଏକ ସମ୍ପତ୍ତି ଥିଲେ ବୋଲି ତାଙ୍କ ସହକର୍ମୀ ମତ ପ୍ରକାଶ କରିଛନ୍ତି। ତାଙ୍କ ଆତ୍ମୀୟମାନେ ଭୁବନେଶ୍ୱରରେ ପହଞ୍ଚିବା ପରେ ଶବଦାହ ପାଇଁ ପୁରୀ ନିଆଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦେବା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ଏହି ମହାନ କ୍ଷତି ସହିବା ପାଇଁ ଯଥେଷ୍ଟ ଶକ୍ତି ଦିଅନ୍ତୁ ବୋଲି ନାଲକୋ ପକ୍ଷରୁ ଶୋକ ବାର୍ତ୍ତା ଦିଆଯାଇଛି।

### ୨୩ରୁ 'ଓଡ଼ିଶା ଖାଦ୍ୟ ମହୋତ୍ସବ'

## ମେଳାରେ ମିଳିବ ୩୦ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟ




- ବିଶିଷ୍ଟ ବ୍ୟକ୍ତିଙ୍କୁ କରାଯିବ ପୁରସ୍କୃତ
- ଅନୁଷ୍ଠିତ ଖାଦ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଓ ଆଲୋଚନା

ଭୁବନେଶ୍ୱର, ୧୯।୧୨(ସମିସ):ବିଶ୍ୱ ଓଡ଼ିଆ ରିବାର ପକ୍ଷରୁ ଚଳିତ ଡିସେମ୍ବର ୨୩ ତାରିଖରୁ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେବ 'ଓଡ଼ିଆ ଖାଦ୍ୟ ମହୋତ୍ସବ-୨୦୨୫'। ଓଡ଼ିଆ ଖାଦ୍ୟ ସଂସ୍କୃତି ଓ ପରମ୍ପରାର ପ୍ରସାର ପାଇଁ ଆୟୋଜଜିତ ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ଖାଦ୍ୟ ଷ୍ଟଲରେ ସମ୍ପୃକ୍ତ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟ ଉପଲବ୍ଧ ହେବ। ୧୪୦ଟି ଷ୍ଟଲରେ ଓଡ଼ିଶାର ଅନନ୍ୟ ଖାଦ୍ୟ ପରସା ଯିବ। ୨୯ ତାରିଖ ଯାଏ ଚାଲିବାକୁ ଥିବା ଏହି ଖାଦ୍ୟ ମହୋତ୍ସବ ସକାଳ ୧୦ଟାରୁ ରାତି ୧୦ ପର୍ଯ୍ୟନ୍ତ ଖୋଲା ରହିବ। ସେହିପରି ଖାଦ୍ୟ ପ୍ରସ୍ତୁତି ଓ ବିଭିନ୍ନ ଉପାଦାନ ଓ ରନ୍ଧନ ଶୈଳୀ ଜିଲ୍ଲା ଭିତ୍ତିରେ ପ୍ରଦର୍ଶିତ ହେବା ସହ ଓଡ଼ିଆ ଖାଦ୍ୟ ସଂସ୍କୃତି ସମ୍ବନ୍ଧରେ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ବିଶିଷ୍ଟ ଖାଦ୍ୟ ଗବେଷକ ଓ ଖାଦ୍ୟ ସଂସ୍କୃତି ପୁସ୍ତକ ଲେଖକମାନେ ଯୋଗ ଦେବେ। ମହୋତ୍ସବରେ ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟ ତଥା କଲୋନୀ ବାସିନ୍ଦା, ହୋଟେଲ ମ୍ୟାନେଜମେଣ୍ଟ କଲେଜ ଓ ସ୍କୁଲ ପିଲା ଏବଂ ପ୍ରସିଦ୍ଧ ହୋଟେଲମାନଙ୍କ ମଧ୍ୟରେ ରୋଷେଇ ପ୍ରତିଯୋଗିତା ଓ ଓଡ଼ିଆ ଖାଦ୍ୟକୁ ନେଇ କୁଇଜ ତଥା ଅନ୍ୟାନ୍ୟ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏଥି ସହ ଓଡିଆ ଖାଦ୍ୟ ଓ ସଂସ୍କୃତିର ବାହାରେ ପ୍ରଚାର ପାଇଁ ଗୌରବ ଆଣିଦେଇଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା କହିଛନ୍ତି। ଏହି ଅବସରରେ ଅୟୋଜିତ ବିଶ୍ୱ ଓଡ଼ିଆ ପରିବାର ଓଡ଼ିଆର ଗୌରବମୟ ଇତିହାସ ଓ ପରମ୍ପରାକୁ ନେଇ କାର୍ଯ୍ୟକ୍ରମମାନ ଆରମ୍ଭ ହୋଇଛି। ତେବେ ନୂତନ ପିଢିଙ୍କୁ ଓଡ଼ିଆ ଖାଦ୍ୟ ସହ ପରିଚିତ କରାଇବା ପାଇଁ ଏଭଳି ଏକ ପରିକଳ୍ପନା କାରଯାଇଥିବା ବେଳେ ମହୋତ୍ସବ ପରିସରରେ ଭୂମି ପୂଜନ କରାଯାଇଛି।

## ସରକାରୀ ଜମି ଜବରଦଖଲ ଉଚ୍ଛେଦ



ବାଲିପାଟଣା, ୧୯।୧୨ (ସମିସ) : ବାଲିପାଟଣା ଅଞ୍ଚଳରୁ ଜବରଦଖଲ ଉଚ୍ଛେଦକୁ ଜୋର୍‌ଦାର କରାଯାଇଛି। ପ୍ରାୟ ପ୍ରତି ପଞ୍ଚାୟତରେ ସରକାରୀ ଜମି ଚିହ୍ନଟ କରାଯାଇ ପାଚେରି ବୁଲାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ତହସିଲଦାର କଳ୍ପନା ଦାସଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଉଦ୍ୟମରେ ଆଦର୍ଶ ଥାନା, ଡାକ୍ତରଖାନା, ଉଦ୍ୟାନ ବିଭାଗ, ସୂଚନା କେନ୍ଦ୍ର ଓ ଅନ୍ୟାନ୍ୟ ସରକାରୀ ଦପ୍ତର ସହଯୋଗ କରୁଛନ୍ତି। ଫଳରେ ଗାରେଡ଼ିପଞ୍ଚାଣ ଓ ଅଠାନ୍ତର ମୌଜାରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହି ସବୁ ଜମିକୁ ତହସିଲ ଅଧୀନକୁ ଆଣିବାକୁ ତହସିଲଦାରଙ୍କୁ ଜନସାଧାରଣ ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ମେଡିକାଲ, ଷ୍ଟାଡିୟମ୍, ବସଷ୍ଟାଣ୍ଡ, ଶୀତଳ ଭଣ୍ଡାର, ମାର୍କେଟ କମ୍ପ୍ଲେକ୍ସ, ଅଡିଟୋରିୟମ, ପଞ୍ଚାୟତ କାର୍ଯ୍ୟାଳୟ ଓ ପାର୍କ ନିର୍ମାଣ ଜମି ଉପଲବ୍ଧ ହୋଇ ଭିତ୍ତିଭୂମି ବିକାଶ ହୋଇପାରିବ ବୋଲି ସମସ୍ତେ ଆଶା ରଖିଛନ୍ତି।

## 'ବିକାଶ ନାଁରେ ଦମନ ଓ ଜମି ଅପହରଣ ବନ୍ଦ ହେଉ'

ଭୁବନେଶ୍ୱର, ୧୯।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଅଞ୍ଚଳରେ ଡାଲମିଆ କମ୍ପାନୀ ପାଇଁ ରାତିଅଧରେ ଆଦିବାସୀଙ୍କ ଚାଷଜମିକୁ ଧ୍ୱଂସ କରି ଜବରଦସ୍ତି ଭାବେ ଅପହରଣ କରିନେବା ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା। ସେ ଏ ନେଇ ଶୁକ୍ରବାର ଏକ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। ଏପରି ଅମାନବୀୟ, ବେଆଇନ ଓ ସମ୍ପୂର୍ଣ୍ଣ ଲୋକତନ୍ତ୍ର ବିରୋଧୀ କାର୍ଯ୍ୟକଳାପ ଉପରେ ରାଜ୍ୟ ସରକାର ତୁରନ୍ତ ରୋକ ଲଗାଇବାକୁ ସେ ଦାବି କରିଛନ୍ତି। ସେ କହିଛନ୍ତି ଯେ ୨୦୧୩ ଭୂ-ଅଧିଗ୍ରହଣ ଆଇନକୁ ସମ୍ପୂର୍ଣ୍ଣ ଭାବେ ଅଗ୍ରାହ୍ୟ କରି ଆଦିବାସୀଙ୍କ ଚାଷଜମିରେ ଖଣିଖନନ ଓ ଶିଳ୍ପ କାର୍ଯ୍ୟ ଚାଲୁ କରାଯାଉଛି। ଯାହା ସିଧାସଳଖ ଭାବେ ଆଦିବାସୀ ସମୁଦାୟଙ୍କ ସାମ୍ବିଧାନିକ ଅଧିକାର, ବଞ୍ଚିବାର ଅଧିକାର ଓ ଜୀବିକା ଉପରେ ଆକ୍ରମଣ। ସୁନ୍ଦରଗଡ଼ ଜିଲ୍ଲାର ଲାଞ୍ଜିବେରାନା ଗ୍ରାମରେ ପୋଲିସ ବାହିନୀର ସହଯୋଗରେ ବିନା ଗ୍ରାମସଭାର ସମ୍ମତି, ବିନା ଆଲୋଚନା, ଜେସିବି ଲଗାଇ ଆଦିବାସୀଙ୍କ ଚାଷଜମିକୁ ଧ୍ୱଂସ କରି ଡାଲମିଆ କମ୍ପାନୀ ପାଇଁ ଅଧିଗ୍ରହଣ କରାଯିବା କେବେ ହେଲେ ବିକାଶ ନୁହେଁ। ବରଂ ବିକାଶ ନାମରେ ସର୍ବନାଶ ବୋଲି ସେ କହିଛନ୍ତି। ସରକାର ଓ ପ୍ରଶାସନ କେବେ ଜମିହରା ଆଦିବାସୀ ଜନତାଙ୍କ ସହ ଆଲୋଚନା କରିଛନ୍ତି କି କହି ସେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଶ୍ରୀ ସାମନ୍ତରା ଏକ ଚିଠି ଓଡ଼ିଶାର ରାଜ୍ୟପାଳଙ୍କ ଉଦେଶ୍ୟରେ ଲେଖିଛନ୍ତି।

## ଭଗବତୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା




ବାଲିଅନ୍ତା, ୧୯ ।୧୨(ସମିସ): ଗୁରୁବାର ଠାରୁ ଆରମ୍ଭ ହୋଇଥିବା ସରକଣାସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅଜି ବର୍ଣ୍ଣାଢ୍ୟ ଢଙ୍ଗରେ ଉଦଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ସରପଞ୍ଚ ବିଷ୍ଣୁପ୍ରିୟା ସାହୁଙ୍କ ଦ୍ୱାରା ଉଦଘାଟିତ ହୋଇଥିବାବେଳେ ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳନ୍ଦୀ ଚରଣ ମହାପାତ୍ର, ପଞ୍ଚସଖା ଶିକ୍ଷା ସେତୁ କାର୍ଯ୍ୟକ୍ରମର ସଭାପତି ରଜେନ୍ଦ୍ର ସାହୁ, ଭଗବତୀ କ୍ଲଷ୍ଟର ର ସିଆରସିସି ସୁବ୍ରତା ରାଉତରାୟ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ସଭାକାର୍ଯ୍ୟର ପୌରୋହିତ୍ୟ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ସ୍ୱଲିଖିତ ସ୍ୱାଗତ ସଙ୍ଗୀତର ସୁରେ ସୁରେ ପୁରାବିଦ୍ୟାଳୟ ଝୁମି ଉଠିଥିଲା। ବିଦ୍ୟାଳୟର କୁନି ସମ୍ବାଦ ବାହିକା କାର୍ଯ୍ୟକ୍ରମଟି ଥିଲା ଏ ଉତ୍ସବର ଏକ ନିଆରାପଣ। କୁନି ସାମ୍ବାଦିକ ଶୁଭସ୍ମିତା ଓ ଦେବସ୍ମିତା ଖେଳ ପଡ଼ିଆ ସାରା ବୁଲି ଆୟୋଜନ କିପରି ହୋଇଛି ବୋଲି ଅତିଥି, ପ୍ରତିଯୋଗୀ ତଥା ଦର୍ଶକମାନଙ୍କ ଠାରୁ ମତାମତ ସଂଗ୍ରହ କରିଥିଲେ। କ୍ରୀଡାତ୍‌ସୋବର ଦ୍ୱିତୀୟ ଦିବସରେ ମଧ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଶିକ୍ଷାର୍ଥୀମାନେ ସମସ୍ତେ ଭାଗ ନେଇ ନିଜର କୃତିତ୍ୱର ପରିଚୟ ଦେଇଥିଲେ। ପରିଶେଷରେ ଆଜିର ଉଦଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକାର ଧ୍ୱଜାବତରଣ ସହ ଉତ୍ସବଟି ଉଦଯାପିତ ହୋଇଥିଲା।

### କୋଡ଼ିଏ ଟଙ୍କାରେ ଦିନସାରା ଫ୍ରେଶ

# ବଡ଼ି ଭୋରରୁ ପାର୍କ ଆଗରେ ସ୍ୱାସ୍ଥ୍ୟକର ଜୁସ୍

ଭୁବନେଶ୍ୱର, ୧୯ ।୧୨(ସମିସ): ଶରୀରକୁ ସୁସ୍ଥ୍ୟ ରଖିବାର ଚିନ୍ତା ଏବେ ସମସ୍ତଙ୍କୁ ଘାରିଛି। ବ୍ୟସ୍ତ ବହୁଳ ଜୀବନ ଭିତରେ ଏବେ ଲୋକଙ୍କ ମଧ୍ୟରେ ମୋଟାପଣ, ଗ୍ୟାସ୍‌ଟ୍ରିକ୍, ମଧୁମେହ ପରି ଅନେକ ରୋଗର ଆଶଙ୍କା ଦିନକୁ ଦିନ ବଢ଼ି ଚାଲିଛି। ଏଥିପାଇଁ ଖାଦ୍ୟପେୟ ଠାରୁ ଆରମ୍ଭ କରି ଯୋଗ, ବ୍ୟାୟାମ ଉପରେ ସମସ୍ତେ ଏବେ ସଚେତନତା ହେବାକୁ ଲାଗିଲେଣି। ଏପରିସ୍ଥଳେ ରାଜଧାନୀର ବିଭିନ୍ନ ପାର୍କରେ ଏବେ ସ୍ୱାସ୍ଥ୍ୟକର ଜୁସ୍ ବିକ୍ରି ହେଉଛି। ତାହା ପୁଣି ମାତ୍ର ୨୦ରୁ ୩୦ ଟଙ୍କାରେ। ଯାହାକୁ ପାନ କଲେ ସାରାଦିନ ଫ୍ରେସ୍ ଲାଗିବା ସହ ଶରୀରକୁ ପୂରା ସୁସ୍ଥ ରଖୁଛି।

ଏବେ ରାଜଧାନୀବାସୀଙ୍କୁ ଘାରିଛି ବ୍ୟାୟାମ ମାନିଆ। ଗଳିକନ୍ଦି ପାର୍କଠାରୁ ଆରମ୍ଭ କରି ରାଜଧାନୀର ବଡ଼ ପାର୍କଗୁଡ଼ିକରେ ଏବଂ ବିଭିନ୍ନ ଷ୍ଟାଡିୟମ୍‌ରେ ମର୍ଣ୍ଣିଂ ୱାକ୍ ଏବଂ ଶାରୀରିକ ବ୍ୟାୟମ ପାଇଁ ଶତାଧିକ ଲୋକଙ୍କ ଭିଡ଼ ଜମୁଛି। ସକାଳୁ ସକାଳୁ ରାଜଧାନୀର ବିଭିନ୍ନ ପାର୍କରେ ଯୋଗ, ବ୍ୟାୟମ କରିବାକୁ ମଧ ଲୋକଙ୍କ ଭିଡ଼ ଲାଗୁଛି। ଏହାର ସୁଯୋଗ ନେଇ ବିଭିନ୍ନ ପାର୍କ ଆଗରେ ଏବଂ ରାସ୍ତାକଡ଼ରେ ଔଷଧୀୟ ଜୁସ୍ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ବ୍ୟାୟାମ ସରିଲେ ପାର୍କ ବାହାରେ ବିଭିନ୍ନ ପ୍ରକାରର ଜୁସ୍ ଏବଂ ଖାଦ୍ୟ ଦୋକାନରେ ଲୋକଙ୍କ ଭିଡ଼ ଲାଗୁଛି। ବୟସ୍କଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ି ସମସ୍ତେ ଏବେ ତେଲ ଛଣା ଖାଦ୍ୟଠାରୁ ଦୂରେଇ ସ୍ୱାସ୍ଥ୍ୟ ଉପଯୋଗୀ ହେଉଥିବା ବିଭିନ୍ନ ପ୍ରକାରର ଖାଦ୍ୟ ଏବଂ ଜୁସ୍ ଖାଇବାକୁ ପସନ୍ଦ କରୁଛନ୍ତି।

**ସ୍ୱାସ୍ଥ୍ୟ ଉପଯୋଗୀ ପାଇଁ ବଢୁଛି ଭିଡ଼**

ବୟସ୍କ ହୁଅନ୍ତୁ କିମ୍ବା ଯୁବପିଢ଼ିଙ୍କ ପାଇଁ କଲରା, ଅଳାଁ, ଜାମୁନ୍, ଚିରେଇତା, ଗୁଡ଼ମାର୍, ମେଥି, ବିଟ୍, ଗାଜର, ଲାଉ, ପାଣି କଖାରୁ, କଞ୍ଚା ହଳଦୀ, ବାସଙ୍ଗ, ପୋଦିନା, ଧନିଆ, ପିଜୁଳିପତ୍ର, ଅଦା, ଜିରା, ପାନ ମହୁରୀ, ନାଣ୍ଡି ବଗୁଲି, ମିଶ୍ରି, ଭୁସି, ପାଲୁଅ ଜୁସ୍ ରହୁଥିବା ବେଳେ ଗଜାବୁଟ ସିଜା ବାଦାମ, ରାଜମ୍, ସୋୟାମଞ୍ଜି, ମେଥିଗଜା ପରି ସ୍ୱାଉଟ୍ ଚାଟ୍ ଉପଲବ୍ଧ ହେଉଛି। ମାଣ୍ଡିଆ, ଓଟ୍ସ୍, ଦଲିଆ ପରି ଜୁସ୍ ମଧ ଉପଲବ୍ଧ ହେଉଛି। ଏହି ସବୁର ୨୦ରୁ ୩୦ ଟଙ୍କା ଗ୍ଲାସ୍ ପ୍ରତି ରହୁଛି। ସ୍ୱାଉଟ୍ ସବୁ ୧୦ ଟଙ୍କା ପ୍ରତି ପ୍ୟାକେଟ୍‌ରେ ଉପଲବ୍ଧ ହେଉଅଛି। ଏହିପରି ବିଭିନ୍ନ ସିଜିନ୍ ଅନୁସାରେ ମଧ ଋତୁକାଳୀନ ଜୁସ୍ ଉପଲବ୍ଧ ହୋଇଥାଏ।



ଫରେଷ୍ଟ ପାର୍କ ପାଖରେ ଏହି ସବୁ ଜୁସ୍ ବିକ୍ରି କରୁଥିବା ଶ୍ୱେତା ଦଳବେହେରା କୁହନ୍ତି ସବୁ ପ୍ରକାରର ଲୋକ ଏହି ସବୁ ଜୁସ୍ ଏବଂ ଖାଦ୍ୟକୁ ପସନ୍ଦ କରୁଛନ୍ତି। ଅଧିକ କରି ଯୁବପିଢ଼ିମାନେ ଅଧିକ ପସନ୍ଦ କରୁଛନ୍ତି। ଏବେ ଶୀତ ଋତୁଥିବାରୁ ମାଣ୍ଡିଆ, ଓଟ୍ସ, ଦଲିଆ ସହ ଭୁସି, ନାଣ୍ଡିବଗୁଲି ଜୁସ୍‌କୁ ପେଟ ଥଣ୍ଡା ରଖିବା ପାଇଁ ଅଧିକ ପସନ୍ଦ କରୁଛନ୍ତି ବୋଲି ସେ କହିଛନ୍ତି।

